# ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼

ଚୈତି ୨୦୨୨

## ଚୈତି ବାର୍ତ୍ତା - ୨୦୨୨

ଚୈତି-୨୦୨୨ ଓ ପଲ୍ଲିଶ୍ରୀ ମେଳା ଚଳିତ ବର୍ଷ ଜାନୁୟାରୀ-୧୮ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ସ୍ଥାନୀୟ ଜି.ସି.ଡି ହାଇସ୍କୁଲ ପଡିଆ ଠାରେ ଅନୁଷ୍ଠିତ ହେବ । ଏହି ମହୋତ୍ସବର ଉଦ୍ଦେଶ୍ୟ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ କ୍ରୀଡାକୁ ପ୍ରୋତ୍ସାହନ ଦେବା ସହିତ ପ୍ରତିଭା ଅନ୍ୱେଷଣ ପାଇଁ ମଞ୍ଚ ପ୍ରଦାନ କରିବା । ଏତଦ୍ ବ୍ୟତୀତ ଜିଲ୍ଲା ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷିଜାତ ଦ୍ୟବ୍ୟ ଓ ହସ୍ତତନ୍ତ ସାମଗ୍ରୀ, ସୌରା ଚିତ୍ରକଳା "ଇଡାଇ ଇଡିତାଲ" ଓ ଡଙ୍ଗରିଆଙ୍କ "କାପଡାଗୁନ୍ଦା" ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକର ବିକ୍ରୀ ଓ ପ୍ରଦର୍ଶନୀ ପାଇଁ ସୁଯୋଗ ଦିଆଯାଉଛି ।

ପ୍ରତିଦିନ ସନ୍ଧ୍ୟାରେ ଚୈତି ମଞ୍ଚରେ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି । ଏଥିରେ ଯୋଗଦାନ କରି ଏହି ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଜନସାଧାରଣଙ୍କ ସହୃଦୟ ସହଯୋଗ କାମନା କରୁଛି ।

ସ୍ୱଧା ଦେବ ସିଂ
ଜିଲ୍ଲାପାଳ-ତଥା- ଅଧ୍ୟକ୍ଷା
ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ